# Telephone conversation between PM and President of Brazil

04 April, 2020

# ପ୍ରଧାନମନ୍ତ୍ରୀ ଏବଂ ବ୍ରାଜିଲର ରାଷ୍ଟ୍ରପତିଙ୍କ ମଧ୍ୟରେ ଟେଲିଫୋନ୍ ବାର୍ତ୍ତାଳାପ

ଏପ୍ରିଲ୍ 04, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ବ୍ରାଜିଲର ରାଷ୍ଟ୍ରପତି ମାନ୍ୟବର ଜାୟର ମେସିଅସ୍ ବୋଲସନାରୋଙ୍କ ସହ ଟେଲିଫୋନ୍ ବାର୍ତ୍ତାଳାପ କରିଛନ୍ତି। କୋଭିଡ -19 ମହାମାରୀର ପ୍ରସାର ପରେ ଦୁଇ ନେତା ବିଶ୍ୱ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ।

କୋଭିଡ୍ -19 କାରଣରୁ ବ୍ରାଜିଲରେ ହୋଇଥଇବା ପ୍ରାଣହାନି ପାଇଁ ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି। ସେ କହିଛନ୍ତି ଯେ ପ୍ରତ୍ୟେକ ଭାରତୀୟଙ୍କର ପ୍ରାର୍ଥନା ଏ ସମୟରେ ବ୍ରାଜିଲର ବନ୍ଧୁତ୍ୱପୂର୍ଣ୍ଣ ଲୋକଙ୍କ ସହିତ ଥିଲା ।

କୋଭିଡ -19 ଦ୍ୱାରା ସୃଷ୍ଟି ହୋଇଥିବା ଭୟଙ୍କର ସଙ୍କଟକୁ ଦୂର କରିବା ପାଇଁ ଦ୍ୱିପାକ୍ଷିକ ତଥା ବହୁପକ୍ଷୀୟ ଆନୁଷ୍ଠାନିକ ରୂପରେଖ ସହ ଭାରତ ଏବଂ ବ୍ରାଜିଲ ମଧ୍ୟରେ ଘନିଷ୍ଠ ସହଯୋଗର ଗୁରୁତ୍ୱ ଉପରେ ଦୁଇ ନେତା ଗୁରୁତ୍ୱାରୋପ କରିଥିଲେ। କୋଭିଡ୍ ପରବର୍ତ୍ତୀ ବିଶ୍ୱ ପାଇଁ ଜଗତୀକରଣର ଏକ ନୂତନ ମାନବ-କେନ୍ଦ୍ରିକ ଅବଧାରଣା ଗଠନ କରିବାର ଆବଶ୍ୟକତା ଉପରେ ସେମାନେ ସହମତ ହୋଇଥିଲେ।

ଏହି କଷ୍ଟକର ପରିସ୍ଥିତିରେ ବ୍ରାଜିଲ ରାଷ୍ଟ୍ରପତିଙ୍କୁ ସମସ୍ତ ସମ୍ଭାବ୍ୟ ସମର୍ଥନ ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ନିଶ୍ଚିତ କରିଥିଲେ । କୋଭିଡ୍ -19 ପରିସ୍ଥିତି ଏବଂ ଏହାଯୋଗୁଁ ସୃଷ୍ଟି ବିଭିନ୍ନ ସମସ୍ୟାର ସାମ୍ନା କରିବା ପାଇଁ ସେମାନଙ୍କ ଅଧିକାରୀମାନେ ନିୟମିତ ଯୋଗାଯୋଗରେ ରହିବେ ବୋଲି ସେମାନେ ସହମତ ହୋଇଥିଲେ। ।

ଚଳିତ ବର୍ଷ ଭାରତର 70 ତମ ଗଣତନ୍ତ୍ର ଦିବସ ପାଳନ ଅବସରରେ ବ୍ରାଜିଲ ରାଷ୍ଟ୍ରପତିଙ୍କୁ ମୁଖ୍ୟ ଅତିଥି ଭାବରେ ଅଂଶଗ୍ରହଣ କରି ଧନ୍ୟବାଦ ଅର୍ପଣ କରିଥିବା କଥା ମନେ ପକାଇ, ଭାରତ-ବ୍ରାଜିଲ ମଧ୍ୟରେ ବଢୁଥିବା ବବନ୍ଧୁତ୍ୱ ସମ୍ବନ୍ଧ ନେଇ ପ୍ରଧାନମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ବିଗତ ବର୍ଷରେ ବ୍ରିକ୍ସର ନେତୃତ୍ୱ ପାଇଁ ସେ ବ୍ରାଜିଲକୁ ଧନ୍ୟବାଦ ଜଣାଇଛନ୍ତି।

**ନୂଆ ଦିଲ୍ଲୀ**
**ଏପ୍ରିଲ୍ 04, 2020**

DISCLAIMER : This is an approximate translation. The original is available in English on MEA’s website and may be referred to as the official press release.